# 2018-19 ବଜେଟ ଆକଳନର ମୁଖ୍ୟାଂଶ

ଆଜି 23 ମାର୍ଚ୍ଚ 2018 ରେ ମାନ୍ୟବର ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ଶଶିଭୂଷଣ ବେହେରା 2018-19 ଆର୍ଥିକ ବର୍ଷ ନିମନ୍ତେ 1 ଲକ୍ଷ 20 ହଜାର 28 କୋଟି ଟଙ୍କାର ବଜେଟ୍ ବିଧାନସଭାରେ ଅନୁମୋଦନ ପାଇଁ ଉପସ୍ଥାପନ କରିଛନ୍ତି । ଏହି ବଜେଟ୍ ରେ ପୁଞ୍ଜି ନିବେଶ, ଅଭିବୃଦ୍ଧି, ବିକାଶ, ଭିତ୍ତିଭୂମି ଉନ୍ନୟନ ଉପରେ ଗୁରୁତ୍ୱ ଆରୋପ କରାଯାଇଅଛି । ଏହି ଅଭିବୃଦ୍ଧି, ଉନ୍ନୟନ ଏବଂ ଜନମଙ୍ଗଳକାରୀ ବଜେଟ୍ ବିଗତ 2017-18 ଆର୍ଥିକ ବର୍ଷ ତୁଳନାରେ 12.3% ଅଧିକ ଅଟେ ।

ପୂର୍ବ ବର୍ଷ ମାନଙ୍କ ଭଳି 2018-19 ଆର୍ଥିକ ବର୍ଷର ବଜେଟ୍ କୁ ମଧ୍ୟ କୃଷି ବଜେଟ୍ ଓ ସାଧାରଣ ବଜେଟ୍ ଏହିପରି ଦୁଇ ଭାଗରେ ବିଭକ୍ତ କରାଯାଇଛି ଏହାର ତୁଳନାତ୍ମକ ବିବରଣୀ 2017-18 ଏବଂ 2018-19 ନିମ୍ନଲିଖିତ ସାରଣୀରେ ଦର୍ଶାଯାଇଛି ।

**(କୋଟି ଟଙ୍କା ହିସବରେ)**

| କ୍ରମିକ ସଂଖ୍ୟା | ପ୍ରକାର | 2017-18 ଆର୍ଥିକ ବର୍ଷର ବଜେଟ୍ ଆକଳନ | 2018-19 ଆର୍ଥିକ ବର୍ଷର ବଜେଟ୍ ଆକଳନ |
|---|---|---|---|
| 1. | ପ୍ରଶାସନିକ ଖର୍ଚ୍ଚ | 47,465 | 50,761 |
| 2. | କାର୍ଯ୍ୟକ୍ରମ ଖର୍ଚ୍ଚ | 52,800 | 62,000 |
| 3. | ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଖର୍ଚ୍ଚ | 1,824 | 1,865 |
| 4. | ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ହେଉଥିବା ଅର୍ଥରୁ ଖର୍ଚ୍ଚ | 4,822 | 5,402 |
| ମୋଟ - | | **1,06,911** | **1,20,028** |

## 1. ରାଜ୍ୟ ବଜେଟର ଗୁଣାତ୍ମକ ଦିଗ –

- ପ୍ରଥମଥର ପାଇଁ କାର୍ଯ୍ୟକ୍ରମ ଖର୍ଚ୍ଚ ର ପରିମାଣ **62 ହଜାର କୋଟି** ଅଟକଳ କରାଯାଇଛି ଯାହାକି ସମ୍ପୂର୍ଣ୍ଣ ବଜେଟ୍ ଆକାରର ଅଧାରୁ ଅଧିକ ଅଟେ ।
- ଏହି ବଜେଟ୍‌ରେ **କୃଷି ଓ ଆନୁସଙ୍ଗିକ କ୍ଷେତ୍ର** ପାଇଁ ବ୍ୟୟ ଅଟକଳ ଯଥେଷ୍ଟ ବୃଦ୍ଧି କରାଯାଇ **16 ହଜାର 765 କୋଟି ଟଙ୍କା** ଆକଳନ କରାଯାଇଅଛି ।
- ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ର ପାଇଁ **19 ହଜାର 678 କୋଟି ଟଙ୍କା** ବ୍ୟୟ ବରାଦ ।
- ସ୍ୱାସ୍ଥ୍ୟ କ୍ଷେତ୍ରରେ **6 ହଜାର 160 କୋଟି ଟଙ୍କା**ର ବ୍ୟୟ ବରାଦ ।
- **ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ** ପାଇଁ **3 ହଜାର କୋଟି ଟଙ୍କା**ର ପୁଞ୍ଜି ବିନିଯୋଗ ।
- ଅନୁସୂଚିତ ଜନଜାତି ଓ ଜାତି ମାନଙ୍କ ପାଇଁ ଚିହ୍ନିତ ଯୋଜନା ଦ୍ୱାରା କାର୍ଯ୍ୟକ୍ରମ ବ୍ୟୟ ମାଧ୍ୟମରେ **22 ହଜାର 684 କୋଟି ଟଙ୍କା** ବ୍ୟୟ ବରାଦ ।

❖ **24 ହଜାର 567 କୋଟି ଟଙ୍କା**ର ପୁଞ୍ଜି ବ୍ୟୟ ବ୍ୟବସ୍ଥା ରାଜ୍ୟ ଘରୋଇ ଉତ୍ପାଦ**(GSDP)**ର **ଶତକଡା 5.5 ପ୍ରତିଶତ** ।

❖ ଉନ୍ନୟନଗତ ଖର୍ଚ୍ଚ ମୋଟ ବଜେଟ୍ ଅଟକଳର 70 ପ୍ରତିଶତରୁ ଅଧିକ ଅଟେ ।

❖ ଟିକସ ଓ ରାଜ୍ୟ ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତ 2018-19(B.E) ରେ 6.44 ପ୍ରତିଶତ ହେବା ପାଇଁ ଅଟକଳ କରାଯାଇଛି ।

❖ ରାଜସ୍ୱ ବଳକା, ରାଜ୍ୟ ସାମଗ୍ରୀକ ଘରୋଇ ଉତ୍ପାଦର 2.25% ନିର୍ଦ୍ଧାରଣ କରାଯାଇଛି ।

❖ ବିତ୍ତୀୟ ନିଅଣ୍ଟ ଘରୋଇ ଉତ୍ପାଦର ଧାର୍ଯ୍ୟ ଲକ୍ଷ୍ୟ 3.5 ପ୍ରତିଶତ ମଧ୍ୟରେ ସୀମିତ ରହିବ ।

## 2. ନୂତନ ପ୍ରୟାସ –

❖ **"ଆମ ଗାଁ ଆମ ବିକାଶ"** – ଏକ ନୂତନ ଯୋଜନା ମାଧ୍ୟମରେ **1 ହଜାର 250 କୋଟି ଟଙ୍କା** ବିକାଶମୂଳକ କାର୍ଯକ୍ରମ ପାଇଁ ଜନସାଧାରଣଙ୍କର ଆବେଗକୁ ଦୃଷ୍ଟିରେ ରଖି ନିର୍ଦ୍ଧାରଣ କରାଯାଇଅଛି ।

❖ **"କୃଷକମାନଙ୍କର କଲ୍ୟାଣ"** ଯୋଜନାରେ ଅତିରିକ୍ତ **250 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି । ଏହାର ବିସ୍ତୃତ ବିବରଣୀ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ପରବର୍ତ୍ତି ପର୍ଯ୍ୟାୟରେ ପ୍ରସ୍ତୁତି କରାଯିବ ।

❖ **"ଖୁସି"** ଯୋଜନା ମାଧ୍ୟମରେ ତରୁଣୀ ଓ ମହିଳା ମାନଙ୍କର ଋତୁସ୍ରାବ କାଳୀନ ସ୍ୱାସ୍ଥ୍ୟରକ୍ଷା, ସେମାନଙ୍କର ସମ୍ମାନ, ଆତ୍ମବିଶ୍ୱାସ ଓ ସଶକ୍ତିକରଣ ପାଇଁ **50 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି ।

❖ ଏକ ସାର୍ବଜନୀନ ଚକ୍ଷୁ ଯତ୍ନ କାର୍ଯ୍ୟକ୍ରମ **"ମୁଖ୍ୟମନ୍ତ୍ରୀ ଚକ୍ଷୁ ଯତ୍ନ କାର୍ଯ୍ୟକ୍ରମ – ସୁନେତ୍ର"** ଯୋଜନା ମାଧ୍ୟମରେ 682 କୋଟି ଟଙ୍କାର ପରିକଳ୍ପନା ଆସନ୍ତା 5 ବର୍ଷ ନିମିତ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଛି । 2018-19 ଆର୍ଥିକ ବର୍ଷ ନିମିତ୍ତ **87 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

❖ ଏକ ନୂତନ ଯୋଜନା **"ନିର୍ମଳ"** ମାଧ୍ୟମରେ ପରିଷ୍କାର, ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟ ସଂସ୍ଥାରେ ସୁରକ୍ଷା ପରି ଆନୁସାଙ୍ଗିକ ସେବା ପାଇଁ **70 କୋଟି ଟଙ୍କା** 2018-19 ଆର୍ଥିକ ବର୍ଷ ନିମିତ୍ତ ବ୍ୟୟ ବରାଦ ।

❖ **"ଡିଜିଟାଲ ହେଲ୍‌ଥ"** କାର୍ଯ୍ୟକ୍ରମ ନବରଙ୍ଗପୁର ମଡେଲ୍ ଆଧାରରେ **10 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି ।

❖ **"ନିଦାନ"** ଯୋଜନାରେ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ସେବା ପାଇଁ **90 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

❖ **"ଆମ ଘରେ LED ଲାଇଟ୍"** କାର୍ଯ୍ୟକ୍ରମ ଦ୍ୱାରା ପ୍ରତ୍ୟେକ ଗରିବ ପରିବାର କୁ 4ଟି LED ଲାଇଟ୍ ଯୋଗାଇ ଦିଆଯିବ ଯେଉଁଥିପାଇଁ **125 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

❖ **ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ସମୃଦ୍ଧି ସମିତି** ପାଇଁ **20 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

❖ ମହାନଦୀର ଜଳଧାରଣ କ୍ଷମତା ବୃଦ୍ଧି ଏବଂ ଜୀବିକା ବିକାଶ ପାଇଁ **"ଗ୍ରୀନ୍ ମହାନଦୀ ମିଶନ"** ରେ **30 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଅଛି ।

❖ **"ରାଜ୍ୟ ମିଲେଟ୍ ମିଶନ"** ଅଧୀନରେ **100 କୋଟି ଟଙ୍କା** ମୂଲ୍ୟରେ ମାଣ୍ଡିଆ ଇତ୍ୟାଦି ସଂଗ୍ରହ କରାଯାଇ ସରକାରୀ ଯୋଜନାରେ ବ୍ୟବହୃତ ହେବ ।

❖ "ବିଜୁ ଯୁବ ସଶକ୍ତିକରଣ ଯୋଜନା" ଏବଂ ଏହାର ନୂଆ ଉପଯୋଜନା "ବିଜୁ ଯୁବ ବାହିନୀ"- ନେତୃତ୍ୱ ଓ ସ୍ୱେଚ୍ଛାସେବୀ ମନୋଭାବ ପୋଷଣ କରିବା, କ୍ରୀଡା ଓ ଖେଳୁଆଡ ମନୋଭାବ ସଂସ୍କୃତିକୁ ପ୍ରୋତ୍ସାହନ ଦେବା, ଯୌବନରେ ସୁସ୍ଥ ଜୀବନ ଯାପନ କରିବା, ଯୁବ ପ୍ଲାଟ୍‌ଫର୍ମ ପ୍ରତିଷ୍ଠା କରିବା ଏବଂ ରାଜ୍ୟରେ ଯୁବକଙ୍କୁ କାର୍ଯ୍ୟରେ ନିୟୋଜିତ କରିବାପାଇଁ ଉଦ୍ଦିଷ୍ଟ । ଏହି ନୂତନ ଯୋଜନା ନିମିତ୍ତ ୨0 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

❖ ମାଧ୍ୟମିକ ବିଦ୍ୟାଳୟମାନଙ୍କର ଭିତ୍ତିଭୂମିର ଉନ୍ନତି ପାଇଁ "ମୋ ସ୍କୁଲ ଅଭିଯାନ" ଯୋଜନା ରାଜ୍ୟର ଜନସାଧାରଣ ଏବଂ ପୂର୍ବତନ ଛାତ୍ରଛାତ୍ରୀ ମାନଙ୍କୁ ନିୟୋଜିତ କରି ଆରମ୍ଭ କରାଯାଇଛି । ଏହି ଯୋଜନାରେ ସରକାର ଜନସାଧାରଣଙ୍କ ପ୍ରଦତ୍ତ ରାଶିର ଦୁଇଗୁଣ ପ୍ରଦାନ କରି ବିଜ୍ଞାନାଗାର, ପାଠାଗାର ଓ କ୍ରୀଡାର ବିକାଶ କରାଯିବ । ଏଥିପାଇଁ ପ୍ରାଥମିକ ସହାୟତା ଭାବେ 50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

❖ ମେଧାବୀ ଛାତ୍ରଛାତ୍ରୀଙ୍କ ପ୍ରୋତ୍ସାହନ ନିମନ୍ତେ, "ମୁଖ୍ୟମନ୍ତ୍ରୀ ମେଧା ବୃତ୍ତି" ଯୋଜନା ଅଧୀନରେ 40 ହଜାର ସଫଳ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରିବାକୁ ପ୍ରସ୍ତାବ ରଖାଯାଇଛି । ପ୍ରତ୍ୟେକ ସଫଳ ଛାତ୍ରଛାତ୍ରୀଙ୍କୁ ଏକକାଳୀନ 5 ହଜାର ଟଙ୍କା ବୃତ୍ତି ପ୍ରଦାନ କରାଯିବ । ଏହି ଯୋଜନା ପାଇଁ 20 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

❖ ଅନ୍ୟାନ୍ୟ ପଛୁଆବର୍ଗ ଓ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ଅନଗ୍ରସର ଛାତ୍ରଛାତ୍ରୀଙ୍କ ପାଇଁ 100 ଟି ଛାତ୍ରାବାସ ବା ଛାତ୍ରୀନିବାସ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି ଯେଉଁଥିରେ 30 କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି ।

❖ ମାନ୍ୟବର ମୁଖ୍ୟମନ୍ତ୍ରୀ 45 ବର୍ଷରୁ ଉର୍ଦ୍ଧ୍ୱ ମହିଳା କଳାକାର ଓ 60 ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ କଳାକାରଙ୍କ ନିମନ୍ତେ ମାସିକ 1200 ଟଙ୍କା ହିସାବରେ ଭତ୍ତାପ୍ରଦାନ ନିମନ୍ତେ "**ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା**"ର ଘୋଷଣା କରିଛନ୍ତି । ଏହି ନୂତନ ଯୋଜନା ଅଧୀନରେ 50 ହଜାର ହିତାଧିକାରୀ ଉପକୃତ ହେବେ । ଏଥିପାଇଁ **60 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି ।

❖ କୋଣାର୍କରେ **"Sun and Sand Marathon"** ଆୟୋଜନ ପାଇଁ 15 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

❖ **ବକୁଳବନ**ର ବିକାଶ ପାଇଁ **7 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

❖ ସମଗ୍ର ଦେଶରେ ଓଡିଶା ପ୍ରଥମ ରାଜ୍ୟ ଭାବେ ପାଞ୍ଚ ବର୍ଷ ପାଇଁ ସମସ୍ତ ଜାତୀୟ ବରିଷ୍ଠ ଓ କନିଷ୍ଠ, ପୁରୁଷ ଏବଂ ମହିଳା ହକି ପ୍ରତିଯୋଗିତା ପ୍ରାୟୋଜିତ କରିବାକୁ ହକି ଇଣ୍ଡିଆ ସହିତ ଏକ ଐତିହାସିକ ଭାଗିଦାରୀ ଚୁକ୍ତି ସ୍ୱାକ୍ଷର କରିଛି ।

## ବିଭାଗୱାରୀ ଆବଣ୍ଟନ

(କୋଟି ଟଙ୍କା ହିସବରେ)

| ଦାବି ସଂଖ୍ୟା | ବିଭାଗ | ପ୍ରଶାସନିକ ବ୍ୟୟ | କାର୍ଯ୍ୟକ୍ରମ ବ୍ୟୟ | ବିପର୍ଯ୍ୟୟ ପ୍ରଶମନ ପାଣ୍ଠି | ରାଜ୍ୟରୁ ସ୍ଥାନାନ୍ତର | ସର୍ବ ମୋଟ |
|---|---|---|---|---|---|---|
| 1 | ସ୍ୱରାଷ୍ଟ୍ର ବିଭାଗ | 4,238.33 | 1,036.06 | - | - | 5,274.39 |
| 2 | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ | 178.89 | 224.84 | - | - | 403.74 |
| 3 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | 919.39 | 154.43 | - | - | 1,073.82 |
| 4 | ଆଇନ ବିଭାଗ | 298.54 | 46.56 | - | - | 345.10 |
| 5 | ଅର୍ଥ ବିଭାଗ | 24,530.17 | - | - | - | 24,530.17 |
| 6 | ବାଣିଜ୍ୟ ବିଭାଗ | 73.22 | 12.49 | - | - | 85.70 |
| 7 | ନିର୍ମାଣ ବିଭାଗ | 1,453.72 | 2,811.17 | - | - | 4,264.88 |
| 8 | ଓଡିଶା ବିଧାନ ସଭା | 63.54 | - | - | - | 63.54 |
| 9 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | 76.98 | 1,071.58 | - | - | 1,148.56 |
| 10 | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | 8,528.84 | 5,958.25 | - | - | 14,487.10 |
| 11 | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ | 747.40 | 2,666.15 | - | - | 3,413.55 |
| 12 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | 2,137.08 | 4,022.89 | - | - | 6,159.96 |
| 13 | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | 564.98 | 2,895.28 | - | 1,701.54 | 5,161.80 |
| 14 | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | 111.96 | 21.90 | - | - | 133.86 |
| 15 | କ୍ରୀଡା ଓ ଯୁବସେବା ବିଭାଗ | 30.39 | 310.62 | - | - | 341.01 |
| 16 | ଯୋଜନା ଓ ସଂଯୋଜନ ବିଭାଗ | 47.45 | 887.98 | - | - | 935.43 |
| 17 | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ | 391.69 | 9,633.20 | - | 3,700.46 | 13,725.35 |
| 18 | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ (ସାଧାରଣ | 2.10 | - | - | - | 2.10 |

| ଦାବି ସଂଖ୍ୟା | ବିଭାଗ | ପ୍ରଶାସନିକ ବ୍ୟୟ | କାର୍ଯ୍ୟକ୍ରମ ବ୍ୟୟ | ବିପର୍ଯ୍ୟୟ ପ୍ରଶମନ ପାଣ୍ଠି | ରାଜ୍ୟରୁ ସ୍ଥାନାନ୍ତର | ସର୍ବ ମୋଟ |
|---|---|---|---|---|---|---|
| | ଅଭିଯୋଗ ଓ ପେନ୍ସନ୍ ପ୍ରଶାସନ ବିଭାଗ) | | | | | |
| 19 | ଶିଳ୍ପ ବିଭାଗ | 4.80 | 307.65 | - | - | 312.45 |
| 20 | ଜଳ ସମ୍ପଦ ବିଭାଗ | 1,217.02 | 8,979.03 | - | - | 10,196.05 |
| 21 | ପରିବହନ ବିଭାଗ | 67.83 | 522.89 | - | - | 590.73 |
| 22 | ଜଙ୍ଗଲ ଓ ପରିବେଶ ବିଭାଗ | 457.65 | 348.52 | - | - | 806.17 |
| 23 | କୃଷି ଓ କୃଷକ ସଶକ୍ତିକରଣ ବିଭାଗ | 769.29 | 3,741.88 | - | - | 4,511.16 |
| 24 | ଇସ୍ପାତ ଓ ଖଣି ବିଭାଗ | 60.85 | 52.69 | - | - | 113.54 |
| 25 | ସୂଚନା ଓ ଲୋକସମ୍ପର୍କ ବିଭାଗ | 45.30 | 142.50 | - | - | 187.80 |
| 26 | ଅବକାରୀ ବିଭାଗ | 90.87 | 10.00 | - | - | 100.87 |
| 27 | ବିଜ୍ଞାନ ଓ ବୈଷୟିକ ବିଭାଗ | 13.74 | 41.39 | - | - | 55.13 |
| 28 | ଗ୍ରାମ୍ୟ ଉନ୍ନୟନ ବିଭାଗ | 1,171.26 | 4,411.20 | - | - | 5,582.46 |
| 29 | ସଂସଦୀୟ ବ୍ୟାପାର  ବିଭାଗ | 47.56 | 0.04 | - | - | 47.60 |
| 30 | ଶକ୍ତି ବିଭାଗ | 29.56 | 1,953.74 | - | - | 1,983.29 |
| 31 | ହସ୍ତତନ୍ତ, ବୟନଶିଳ୍ପ  ଓ ହସ୍ତଶିଳ୍ପ ବିଭାଗ | 60.94 | 128.99 | - | - | 189.93 |
| 32 | ପର୍ଯ୍ୟଟନ ବିଭାଗ | 14.78 | 198.38 | - | - | 213.16 |
| 33 | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | 431.09 | 462.34 | - | - | 893.43 |
| 34 | ସମବାୟ ବିଭାଗ | 124.36 | 1,039.61 | - | - | 1,163.97 |
| 35 | ସାଧାରଣ ଉଦ୍ୟୋଗ ବିଭାଗ | 2.83 | 5.00 | - | - | 7.83 |
| 36 | ମହିଳା  ଓ ଶିଶୁ କଲ୍ୟାଣ ଓ ମିଶନ ଶକ୍ତି ବିଭାଗ | 22.61 | 3,424.22 | - | - | 3,446.82 |
| 37 | ଇଲେକ୍ଟ୍ରୋନିକ୍ସ୍ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ | 2.11 | 110.76 | - | - | 112.87 |
| 38 | ଉଚ୍ଚ ଶିକ୍ଷା ବିଭାଗ | 1,297.86 | 993.81 | - | - | 2,291.67 |
| 39 | ଦକ୍ଷତା ବୃଦ୍ଧି  ଓ ବୈଷୟିକ ଶିକ୍ଷା ବିଭାଗ | 281.04 | 344.41 | - | - | 625.45 |
| 40 | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | 65.33 | 146.25 | - | - | 211.58 |
| 41 | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ | 49.04 | 2,513.45 | - | - | 2,562.49 |
| 42 | ବିପର୍ଯ୍ୟୟ ପରିଚାଳନା ବିଭାଗ | 3.38 | 221.19 | 1,865.00 | - | 2,089.57 |
| 43 | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | 35.23 | 146.69 | - | - | 181.91 |
| ସର୍ବ ମୋଟ | | **50,761.00** | **62,000.00** | **1,865.00** | **5,402.00** | **1,20,028.00** |

## 3. କ୍ଷେତ୍ରୀୟ ମୁଖ୍ୟାଂଶ (କୃଷି ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ) –

- ❖ ଏକ ପୃଥକ ବଜେଟ୍ ମାଧ୍ୟମରେ କୃଷି ବିଭାଗରେ 16 ହଜାର 765 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି । ପ୍ରଥମ କରି 2013-14 ଆର୍ଥିକ ବର୍ଷରେ 7 ହଜାର କୋଟି 162 ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ ଏବେ ଏହା 134 ପ୍ରତିଶତକୁ ବୃଦ୍ଧି ପାଇଛି ।

- ❖ ଆମ ସରକାର ବାରମ୍ବାର କୃଷି ଉତ୍ପାଦର ଏମ୍ଏସ୍‌ପି **(MSP)** ବୃଦ୍ଧି କରିବାପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ କରିଆସୁଛନ୍ତି । ଆମ୍ଭେମାନେ ଖୁସି ଯେ, ଭାରତ ସରକାର କେନ୍ଦ୍ର ବଜେଟ୍ 2018-19 ରେ କୃଷି ଉତ୍ପାଦର ଏମ୍ଏସ୍‌ପି କୃଷି ଉତ୍ପାଦନ ଖର୍ଚ୍ଚର ଦେଢଗୁଣାକୁ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି । ଆମେ କେନ୍ଦ୍ର ସରକାରଙ୍କର ଏହି ପଦକ୍ଷେପକୁ ସ୍ୱାଗତ ଜଣାଉଛୁ । କିନ୍ତୁ ଏମ୍ଏସ୍‌ପି ଧାର୍ଯ୍ୟପାଇଁ ଉତ୍ପାଦନ ଖର୍ଚ୍ଚର ବାସ୍ତବିକ ନିର୍ଦ୍ଧାରଣ ପ୍ରକ୍ରିୟା ଆମର ଦାବୀ । ପୁନଶ୍ଚ, ବିଭିନ୍ନ ଫସଲର ଏମ୍ଏସ୍‌ପି ନିର୍ଦ୍ଧାରଣ ନିମିତ୍ତ ଏକ ବିଶ୍ୱାସନୀୟ ପ୍ରକ୍ରିୟା ଅବଲମ୍ବନ କରିବାପାଇଁ ଆମେ କେନ୍ଦ୍ର ସରକାରଙ୍କ ନିକଟରେ ଅନୁରୋଧ କରୁଛୁ ।
- ❖ 2018-19 କୃଷି ବଜେଟ୍ ର ବ୍ୟୟ ବରାଦ ମୋଟ ବଜେଟ୍ ଆକଳନର 12.3 ପ୍ରତିଶତ ଅଟେ ।
- ❖ ଜଳଛାୟା ଉନ୍ନୟନ ପ୍ରକଳ୍ପପାଇଁ **155 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଅଛି ।
- ❖ ମୃତ୍ତିକା ସଂରକ୍ଷଣ ସଂଗଠନ ଦ୍ୱାରା ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମର ସଫଳ ରୂପାୟନପାଇଁ ବ୍ୟୟ ବରାଦକୁ **602 କୋଟି** ଟଙ୍କାକୁ ବୃଦ୍ଧି କରାଯାଇଅଛି ।
- ❖ ଉନ୍ନତମାନର ବିହନ ଯୋଗାଣପାଇଁ ଗଠିତ ହୋଇଥିବା ପାଣ୍ଠିକୁ ଚାଲୁ ରଖିବାପାଇଁ **100 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- ❖ ଚାଷ ସମୟରେ ଚାଷୀଙ୍କୁ ସାର ଯୋଗାଇଦେବା ଉଦ୍ଦେଶ୍ୟରେ 100 କୋଟି ଟଙ୍କାର ଏକ ଆବର୍ତ୍ତନ ପାଣ୍ଠି (Revolving Fund) ସୃଷ୍ଟି କରାଯାଇଅଛି ।
- ❖ ରାଜ୍ୟ ସରକାରଙ୍କର **"କ୍ଷେତ ଯାନ୍ତ୍ରୀକରଣ ଯୋଜନା"** (Farm Mechanisation) ପାଇଁ ବଜେଟରେ 450 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ❖ **"ଜାତୀୟ କୃଷି ସମ୍ପ୍ରସାରଣ ଓ ବୈଷୟିକ ମିଶନ"** (National Mission on Agriculture Extension & Technology)ରେ 350 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ (IMAGE) ଏବଂ କୃଷି ବୈଷୟିକ ପରିଚାଳନା ସଂସ୍ଥା (ATMA) ମାଧ୍ୟମରେ କୃଷି ସମ୍ପ୍ରସାରଣକୁ ପ୍ରୋତ୍ସାହିତ କରାଯିବ ।
- ❖ ଉଦ୍ୟାନ କୃଷି, ଫୁଲ ଚାଷ ଏବଂ ମସଲା ଚାଷର ଉନ୍ନତି ନିମନ୍ତେ ଜାତୀୟ ଉଦ୍ୟାନ କୃଷି ମିଶନ ପାଇଁ **104 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

- **ପାର୍ବତୀଗିରି ବୃହତ ଉଠା ଜଳ ସେଚନ ପ୍ରକଳ୍ପ** ପାଇଁ 2018-19 ଆର୍ଥିକ ବର୍ଷରେ 1 ହଜାର 802 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- 2018-19 ଆର୍ଥିକ ବର୍ଷରେ 8 ଗୋଟି ତ୍ୱରିତ ଜଳସେଚନ ସୁବିଧା ଯୋଜନା (Accelerated Irrigation Benefit Programme) ନିମନ୍ତେ **2 ହଜାର 629 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି । ଏହା NABARD ଅଧୀନରେ ଦୀର୍ଘ ମିଆଦୀ ଜଳସେଚନ ପାଣ୍ଠି (Long Term Irrigation Fund) ସହ ଅନୁବନ୍ଧିତ ।
- **ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା** – MATY ଅଧିନରେ 2018-19 ବର୍ଷରେ **344 କୋଟି ଟଙ୍କା** ବ୍ୟୟ କରାଯାଇ **2 ହଜାର ଆଡ଼ିବନ୍ଧ** ନିର୍ମାଣ ନିମନ୍ତେ ପ୍ରସ୍ତାବ ରଖାଯାଇଛି ।
- **120 କୋଟି ଟଙ୍କା** ବ୍ୟୟ କରାଯାଇ ଆଉ **690 ଗୋଟି ଅଚଳ ଉଠା ଜଳସେଚନ ପ୍ରକଳ୍ପ**କୁ ପୁନରୁଦ୍ଧାର କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।
- **ଗଭୀର ନଳକୂପ ଖନନ** ନିମନ୍ତେ **540 କୋଟି ଟଙ୍କା** ଏବଂ **ବିଜୁ କୃଷକ ବିକାଶ ଅନ୍ତର୍ଗତ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ** ନିର୍ମାଣ ନିମନ୍ତେ **290 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।
- **ପ୍ରଧାନମନ୍ତ୍ରୀ କୃଷି ଜଳ ସିଚାଇ ଯୋଜନା** ଅଧୀନରେ କୃଷି ବିଭାଗ ମାଧ୍ୟମରେ **ଅଣୁ ଜଳସେଚନ** ନିମନ୍ତେ **250 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।
- ଜଳ ସଞ୍ଚାଳନ କ୍ଷତିକୁ କମାଇବା ପାଇଁ Canal Lining System Rehabilitation Programme (CLSRP) ପ୍ରଚଳନ କରାଯାଇଛି ଓ ଏହି ବର୍ଷ 150 କି.ମି. କେନାଲ ଆସ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ **130 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।
- **ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ** ପାଇଁ **1 ହଜାର କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।
- ବାଣିଜ୍ୟିକ ଓ ସମବାୟ ବ୍ୟାଙ୍କ ମାଧ୍ୟମରେ ଚାଷୀ ମାନଙ୍କୁ ସୁଧ ରିହାତି ନିମନ୍ତେ **470 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।
- ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାବଦକୁ ରାଜ୍ୟ ସରକାରଙ୍କ ଅଂଶ ବାବଦରେ 400 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ଖାର ଜଳ ମାଛଚାଷ, ସାମୁଦ୍ରିକ ସଘନ ମାଛ ଚାଷ ଏବଂ ଆଭ୍ୟନ୍ତରୀଣ ମାଛ ଚାଷର ଉନ୍ନୟନ ନିମନ୍ତେ **73 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- ଜଳାଶୟ, ମାଛଧରା ବନ୍ଦର, ମାଛଧରା କେନ୍ଦ୍ର, ଚିଙ୍ଗୁଡି କ୍ଲଷ୍ଟର ସବୁକୁ କଂକ୍ରିଟ ରାସ୍ତା ସମେତ ମତ୍ସ୍ୟ କ୍ଷେତ୍ରର ଭିତ୍ତିଭୂମି ଉନ୍ନୟନ ପାଇଁ **20 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- **ନୀଳ ବିପ୍ଳବ** (Blue Revolution) ଯୋଜନା ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ମତ୍ସ୍ୟ ବିହନ ଉତ୍ପାଦନ କେନ୍ଦ୍ର, ଜଳ ଭଣ୍ଡାର ଗୁଡ଼ିକର ସମନ୍ୱିତ ଉନ୍ନୟନ, ଜଳାଶୟ ନବୀକରଣ ଏବଂ

ମତ୍ସ୍ୟଜିବୀଙ୍କ ଦକ୍ଷତା ବିକାଶ ନିମନ୍ତେ **51 କୋଟି ଟଙ୍କା**ର ବ୍ୟବସ୍ଥା କରାଯାଇଛି । ଏଥିରେ ବଳରାମଗଡିଠାରେ ମତ୍ସ୍ୟ ବନ୍ଦରର ଉନ୍ନୟନ ନିମନ୍ତେ **20 କୋଟି ଟଙ୍କା**ର ବ୍ୟବସ୍ଥା ଅନ୍ତର୍ଭୁକ୍ତ ।

- ❖ ଗୋପାଳନ ଓ ପଶୁଧନ ପରିଚାଳନା ପାଇଁ ଉଦିଷ୍ଟ **ଶ୍ୱେତ ବିପ୍ଳବ** (White Revolution) ଯୋଜନା ପାଇଁ **88 କୋଟି ଟଙ୍କା** ବ୍ୟବସ୍ଥା କରାଯାଇଛି ।
- ❖ ଭୁବନେଶ୍ୱର ନିକଟରେ ଉନ୍ନତ ମାନର ଦୁଗ୍ଧ ପ୍ରକ୍ରିୟାକରଣ ନିମିତ୍ତ 5 ଲକ୍ଷ LPD ବିଶିଷ୍ଟ ଡାଇରୀ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ **53 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।
- ❖ "**ବିଜୁ କୃଷକ କଲ୍ୟାଣ ଯୋଜନା**" ରେ **90 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

## 4. କ୍ଷେତ୍ରୀୟ ମୁଖ୍ୟାଂଶ (ସାଧାରଣ ବଜେଟ) –

- ❖ ସର୍ବଶିକ୍ଷା ଅଭିଯାନ, ମଧ୍ୟାହ୍ନ ଭୋଜନ ଯୋଜନା ଏବଂ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ପାଇଁ ଯଥାକ୍ରମେ **1 ହଜାର 800 କୋଟି ଟଙ୍କା, 808 କୋଟି** ଏବଂ **500 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି ଯେଉଁଥିରେ 40 ପ୍ରତିଶତ ରାଜ୍ୟ ଅଂଶ ଅଟେ । ଏଥିସହିତ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇଖର୍ଚ୍ଚ ତୁଲେଇବାକୁ 85 କୋଟି ଟଙ୍କାର ସରକାରୀ ସହାୟତା ପ୍ରଦାନ କରାଯାଇଛି ।
- ❖ **ଗଙ୍ଗାଧର ମେହର ଶିକ୍ଷାମାନକ ବୃଦ୍ଧି ଯୋଜନା (GMSMY)** ଅଧୀନରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ମାଗଣା ସ୍କୁଲ ବ୍ୟାଗ୍, ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ବହି, ଯୋତା ସମେତ ସ୍କୁଲ ୟୁନିଫର୍ମ ଏବଂ ସରକାରୀ ଓ ବେସରକାରୀ ଅନୁଦାନ ପ୍ରାପ୍ତ ନବମ ଶ୍ରେଣୀ, ସଂସ୍କୃତ ଟୋଲ ଏବଂ ମଦ୍ରାସାରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣା ସାଇକେଲ ପ୍ରଦାନ କରିବାକୁ **309 କୋଟି ଟଙ୍କା**ର ବ୍ୟୟବରାଦ ପ୍ରସ୍ତାବ ରହିଛି ।
- ❖ ଓଡିଶା ଆଦର୍ଶ ବିଦ୍ୟାଳୟ ଯୋଜନା ଅଧୀନରେ ବିଦ୍ୟାଳୟର ସ୍ଥାପନା ଓ ପରିଚାଳନା ଖର୍ଚ୍ଚ ପାଇଁ **250 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- ❖ ମାଧ୍ୟମିକ ବିଦ୍ୟାଳୟମାନଙ୍କର ଭିତ୍ତିଭୂମିର ଉନ୍ନତି ପାଇଁ **"ମୋ ସ୍କୁଲ ଅଭିଯାନ"** ଯୋଜନା ରାଜ୍ୟର ଜନସାଧାରଣ ଏବଂ ପୂର୍ବତନ ଛାତ୍ରଛାତ୍ରୀ ମାନଙ୍କୁ ନିୟୋଜିତ କରି ଆରମ୍ଭ କରାଯାଇଛି । ଏହି ଯୋଜନାରେ ସରକାର ଜନସାଧାରଣଙ୍କ ପ୍ରଦତ୍ତ ରାଶିର ଦୁଇଗୁଣ ପ୍ରଦାନ କରି ବିଜ୍ଞାନାଗାର, ପାଠାଗାର ଓ କ୍ରୀଡାର ବିକାଶ କରିବେ । ଏଥିପାଇଁ ପ୍ରାଥମିକ ସହାୟତା ଭାବେ **50 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।
- ❖ **ମେଧାବୀ ଛାତ୍ରଛାତ୍ରୀ**ଙ୍କୁ ଶିକ୍ଷାରେ ସଫଳତା ଅର୍ଜନ ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ସମାପ୍ତି ପରେ **ଲାପ୍‌ଟପ୍** ଯୋଗାଇ ଦିଆଯାଉଛି । ଏଥି ନିମନ୍ତେ **34 କୋଟି ଟଙ୍କା** ବ୍ୟୟ ବରାଦ ।

- **"ଆକାଂକ୍ଷା"** ଯୋଜନାରେ ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଉଚ୍ଚ ଶିକ୍ଷା ଚାଲୁ ରଖିବା ପାଇଁ ନଗରାଞ୍ଚଳରେ ଛାତ୍ରାବାସ ନିର୍ମାଣ ନିମନ୍ତେ **200 କୋଟି ଟଙ୍କାର** ବ୍ୟୟବରାଦ କରାଯାଉଛି ।
- ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ସହାରାଞ୍ଚଳର ସର୍ବୋତ୍ତମ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ପାଇଁ ଟ୍ୟୁସନ୍ ଫି ସମେତ ସ୍କୁଲ ପୋଷାକ, ବହି, ଯାତାୟତ, ଖାଦ୍ୟ ଓ ରହିବା ଖର୍ଚ୍ଚ ବାବଦରେ **"ଅନ୍ୱେଷା"** ଯୋଜନାରେ **39 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।
- ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଭିତ୍ତିଭୂମିର ବିକାଶ ପାଇଁ **177 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।**
- ଉଚ୍ଚଶିକ୍ଷା ଏବଂ ବୈଷୟିକ ଶିକ୍ଷାର ଗୁଣାତ୍ମକ ମାନର ଅଭିବୃଦ୍ଧି ପାଇଁ **"ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ"** (RUSA) ଯୋଜନାରେ **223 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- ବୈଷୟିକ ବିଶ୍ୱବିଦ୍ୟାଳୟ, ଯାନ୍ତ୍ରିକ ମହାବିଦ୍ୟାଳୟ, ଯାନ୍ତ୍ରିକ ବିଦ୍ୟାଳୟ, ପଲିଟେକନିକ୍ ଓ ITI ଗୁଡିକର ଭିତ୍ତିଭୂମି ବିକାଶପାଇଁ **280 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- ଓଡିଶା ରାଜ୍ୟ ଆତ୍ମନିଯୁକ୍ତି ମିଶନ ଏବଂ ଆଇ.ଟି.ଆଇ ଜରିଆରେ ଯୁବକ ଯୁବତୀଙ୍କ ଦକ୍ଷତା ବୃଦ୍ଧିପାଇଁ 19 କୋଟି ଟଙ୍କା ଯୋଗାଇ ଦିଆଯିବ ।

- **ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ** ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିର ବିକାଶ ପାଇଁ **700 କୋଟି** ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି । ଏହି ଯୋଜନାରେ ଆର୍ଥିକ ଅନଗ୍ରସର ମାନଙ୍କୁ 3 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଦୁରାସାଧ ରୋଗର ଚିକିତ୍ସା ନିମିତ୍ତ ଯୋଗାଇ ଦିଆଯିବ ।
- ଡାକ୍ତର ମାନଙ୍କର ସଂଖ୍ୟା ବୃଦ୍ଧି ପାଇଁ ନୂତନ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ **365 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- ଶିଶୁ ଓ ମାତୃ ମୃତ୍ୟୁହାର ସମ୍ପୂର୍ଣ୍ଣ ନିରାକରଣ ଯୋଜନା (SAMPURNA), ଶିଶୁ ଓ ମାତୃ ମୃତ୍ୟୁହାର ଅଧିକ ଥିବା 15 ଟି ଜିଲ୍ଲାରେ ଶିଶୁ ଓ ମାତୃ ମୃତ୍ୟୁହାରକୁ ଦୃତ ହ୍ରାସ କରିବା ପାଇଁ **52 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

- **"ନିରାମୟ"** ଯୋଜନାରେ ରୋଗୀମାନଙ୍କୁ ମାଗଣା ଔଷଧ ଯୋଗାଇବାପାଇଁ Odisha State Medical Corporation ମାଧ୍ୟମରେ ବ୍ୟୟବରାଦକୁ **304 କୋଟି ଟଙ୍କା**କୁ ବୃଦ୍ଧି କରାଯାଇଛି ।
- ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ 1 ହଜାର 370 କୋଟି ଟଙ୍କା ବ୍ୟୟ ବରାଦ ।

- **BASUDHA ଯୋଜନାରେ** ଗ୍ରାମାଞ୍ଚଳ ଜଳଯୋଗାଣ ପାଇଁ **1 ହଜାର କୋଟି ଟଙ୍କା** ଏବଂ ସହରାଞ୍ଚଳ ଜଳଯୋଗାଣ ପାଇଁ **350 କୋଟି ଟଙ୍କା** ବ୍ୟୟ ଅଟକଳ କରାଯାଇଛି ।
- ମୋଟ ଉପରେ ଜଳଯୋଗାଣ କାର୍ଯ୍ୟାନ୍ୱୟନ ଓ ରକ୍ଷଣାବେକ୍ଷଣ ନିମନ୍ତେ **509 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।
- ବ୍ରହ୍ମପୁର ସହର ଓ 53 ଟି ଆଖପାଖ ଗ୍ରାମର ଜଳ ସମସ୍ୟା ଦୂର କରିବାକୁ ଜାନିଭିଲି ଜଳାଶ୍ରୟରୁ ଜଳଯୋଗାଣ ପାଇଁ EPC ମାଧ୍ୟମରେ **489 କୋଟି ଟଙ୍କା** ବ୍ୟୟରେ ଏକ ବୃହତ ଜଳଯୋଗାଣ ପ୍ରକଳ୍ପ କରାଯାଉଛି ।
- **ରାଉରକେଲା ଓ ସୁନ୍ଦରଗଡ** ସହରକୁ ଜଳ ଯୋଗାଣ ପାଇଁ କୋଏଲ ଓ ଇବ୍ ନଦୀରେ ଦୁଇଟି ଆନିକଟ ନିର୍ମାଣ କରାଯିବ ।
- ଚତୁର୍ଥ ରାଜ୍ୟ ଅର୍ଥ କମିଶନ ଅନୁଦାନରୁ 7 ଟି ଜିଲ୍ଲାର 645 ଗ୍ରାମକୁ ଜଳ ଯୋଗାଣ ପାଇଁ **550 କୋଟି ଟଙ୍କା**ର ବ୍ୟୟ ଅଟକଳ କରାଯାଇଛି ।
- ଓଡିଶା ଖଣିଜ ସମ୍ପଦପୂର୍ଣ୍ଣ ଅଞ୍ଚଳ ଉନ୍ନୟନ ନିଗମ (Odisha Mineral Bearing Area Development Corporation –OMBADC) ପାଣ୍ଠିରୁ 8 ଟି ଖଣିଜଦ୍ରବ୍ୟ ଥିବା ଜିଲ୍ଲାର 691 ପ୍ରତ୍ୟକ୍ଷଭାବେ ପ୍ରଭାବିତ ଗ୍ରାମକୁ ପାଇପ୍ ଯୋଗେ ଜଳଯୋଗାଣ ପାଇଁ 450 କୋଟି ଟଙ୍କା ବ୍ୟୟଅଟକଳ କରାଯାଇଛି ।
- ଜିଲ୍ଲା ଖଣିଜ ପାଣ୍ଠିରୁ (District Mineral Foundation) ରୁ ବୃହତ୍ ଜଳଯୋଗାଣ ପ୍ରକଳ୍ପ କରାଯିବାକୁ ପ୍ରସ୍ତାବ ରଖାଯାଇଛି ।
- **2018-19 ଆର୍ଥିକ ବର୍ଷରେ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଗୁଡିକରେ ସର୍ବମୋଟ ପୁଞ୍ଜି ନିବେଶ ପ୍ରାୟ 3 ହଜାର କୋଟି ଟଙ୍କା ହେବ ।**
- ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଗ୍ରାମାଞ୍ଚଳ ପାଇଁ 1 ହଜାର କୋଟି ଟଙ୍କା ଏବଂ ସହରାଞ୍ଚଳ ପାଇଁ 200 କୋଟି ଟଙ୍କାର ବ୍ୟୟ ବରାଦ ।
- ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାର ସଂଯୋଜନ ମାଧ୍ୟମରେ **3 ହଜାର 592 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି ।
- **400 କୋଟି ଟଙ୍କା** ବ୍ୟୟରେ ବସ୍ତି ଉନ୍ନୟନ ଉପାଦାନ ଗୁଡିକ ନିର୍ମାଣ କରାଯିବ । ବାସଗୃହ କ୍ଷେତ୍ରରେ ଏହି ବଜେଟ୍‌ରେ **3 ହଜାର 992 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- 2018-19 ରେ ମମତା ଯୋଜନା ପାଇଁ **155 କୋଟି ଟଙ୍କା** ବ୍ୟୟ ବରାଦ । ଏହା ବ୍ୟତୀତ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା (PMMVY) ରେ 89 କୋଟି ଟଙ୍କା ବ୍ୟୟ ବରାଦ ।

- ସମନ୍ୱିତ ଶିଶୁ ବିକାଶ ଯୋଜନାରେ 2 ହଜାର 35 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ 60:40 ଅନୁପାତରେ ଅର୍ଥ ଯୋଗାଇ ଦେବେ । ଏହି ଯୋଜନା ବାବଦକୁ ଅତିରିକ୍ତ ରାଜ୍ୟ ସହାୟତା 300 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।
- **ମାଳତିଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା**ରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରୁଥିବା ପିଲାମାନଙ୍କୁ ୟୁନିଫର୍ମ ଯୋଗାଇ ଦେବାକୁ **40 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।
- **ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ଯୋଜନା** ଅଧୀନରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ମିଶନ ଶକ୍ତି ଅଧୀନରେ ସେମାନଙ୍କର ସଂଘ ପାଇଁ **550 କୋଟି ଟଙ୍କା** ବ୍ୟବସ୍ଥା କରାଯାଇଛି ।
- **ମଧୁବାବୁ ପେନ୍ସନ୍ ଯୋଜନା**ରେ ଅତିରିକ୍ତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି ଏବଂ ଏଥିପାଇଁ ବଜେଟରେ **1 ହଜାର 486 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । National Social Assistance Programme ରେ କେନ୍ଦ୍ର-ରାଜ୍ୟ ସହଭାଗିତାରେ 863 କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି ।
- ରିହାତି ଦରରେ କେଜି ପିଛା 1 ଟଙ୍କା ମୂଲ୍ୟରେ ଚାଉଳ ଯୋଗାଇ ଦେବା ପାଇଁ **902 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- ଯୋଗ୍ୟ ପରିବାର ମାନଙ୍କୁ ସେମାନଙ୍କର ପ୍ରାପ୍ୟ ପ୍ରଦାନରେ ସମ୍ପୂର୍ଣ୍ଣ ସ୍ୱଛତା ରକ୍ଷା କରିବାକୁ ସୁଲଭ ମୂଲ୍ୟ ଦୋକାନ ଗୁଡ଼ିକର କମ୍ପ୍ୟୁଟରୀକରଣ ପାଇଁ 29 କୋଟି ଟଙ୍କାର ବ୍ୟବସ୍ଥା ।
- ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି (MGNREGA)ଯୋଜନାରେ 1283 କୋଟି ଟଙ୍କାର ମ୍ୟାଟେରିଆଲ୍ କମ୍ପୋନେଣ୍ଟ୍ (Material Component) ପାଇଁ ବ୍ୟୟ ବରାଦ କରାଯାଇଛି । ଏହି ଯୋଜନା ଅନୁଯାୟୀ ଶ୍ରମିକମାନଙ୍କର ମଜୁରୀ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାର ବ୍ୟବସ୍ଥା ଅଛି ।
- ଚତୁର୍ଦ୍ଦଶ ଅର୍ଥ କମିଶନ ଓ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ପଞ୍ଚାୟତିରାଜ ସଂସ୍ଥା ପାଇଁ ଯଥାକ୍ରମେ 1 ହଜାର 991 କୋଟି ଟଙ୍କା ଏବଂ 1 ହଜାର 709 କୋଟି ଟଙ୍କା ପ୍ରଦାନ କରିବାକୁ ପ୍ରସ୍ତାବ ରଖାଯାଇଛି ।
- ସହରାଞ୍ଚଳ ଭିତ୍ତିଭୂମି  ବିକାଶ ପାଇଁ ରାଜ୍ୟ ସରକାର UNNATI ଯୋଜନାରେ **400 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- ସରକାରୀ ଓ ଘରୋଇ ଭାଗିଦାରୀରେ ଭୁବନେଶ୍ୱରରେ ପରିବହନ ବ୍ୟବସ୍ଥାର ଉନ୍ନତି କରଣ ପାଇଁ **125 କୋଟି ଟଙ୍କା**ର ବ୍ୟୟବରାଦ ଅଛି ।

❖ ଚତୁର୍ଦ୍ଦଶ ଅର୍ଥ ଆୟୋଗ ଓ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ ଭିତ୍ତିରେ ରାଜ୍ୟର ସହରାଞ୍ଚଳ ନିକାୟ ସଂସ୍ଥାକୁ ଯଥାକ୍ରମେ 404 କୋଟି ଓ 1 ହଜାର 197 କୋଟି ଟଙ୍କା ହସ୍ତାନ୍ତର କରାଯିବାର ପ୍ରସ୍ତାବ ଅଛି ।

❖ ନଗରାଞ୍ଚଳ ପୁନର୍ଜୀବନ ଏବଂ ନଗରାଞ୍ଚଳ ରୂପାନ୍ତରୀକରଣ ପାଇଁ AMRUT (ଅମୃତ) ଯୋଜନାରେ 250 କୋଟି ଟଙ୍କା ଏବଂ "ଜାତୀୟ ସହରାଞ୍ଚଳ ଜୀବିକା ମିଶନ" ପାଇଁ 47 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

❖ JICA ସହାୟତାରେ କାର୍ଯ୍ୟକାରୀ ହେଉଥିବା କଟକ ଓ ଭୁବନେଶ୍ୱରର ସ୍ୱରେଜ୍ ପ୍ରକଳ୍ପ ପାଇଁ 300 କୋଟି ଟଙ୍କାର ବ୍ୟୟବରାଦର ପ୍ରସ୍ତାବ ରହିଛି ।

❖ ଓଡିଶା ବିତରଣ ବ୍ୟବସ୍ଥା ସୁଦୃଢୀକରଣ ଯୋଜନାରେ ନୂତନ 33/11 କେ.ଭି. ସବଷ୍ଟେସନ ନିର୍ମାଣ ନିମିତ୍ତ 530 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

❖ 24 ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଣ ନିମନ୍ତେ ରାଜ୍ୟ ରାଜଧାନୀ ଅଞ୍ଚଳ ବିଦ୍ୟୁତ ସରବରାହ ଉନ୍ନତି ପ୍ରଣାଳୀ (State Capital Region Improvement of Power System-SCRIPS) ଯୋଜନାରେ 125 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

❖ **ରାଜ୍ୟ ରାଜପଥ ଉନ୍ନୟନ କାର୍ଯ୍ୟକ୍ରମ** (SHDP) ଅନ୍ତର୍ଗତ ରାଜ୍ୟ ରାଜପଥ ଦୋହରିକରଣ ପାଇଁ 350 କୋଟି ଟଙ୍କା; ପି.ପି.ପି. (PPP) ମାଧ୍ୟମରେ ସଡ଼କ ପ୍ରକଳ୍ପ ନିମିତ୍ତ **80 କୋଟି ଟଙ୍କା**; ପଶ୍ଚିମ ଓଡ଼ିଶା ଓ କେବିକେ ଜିଲ୍ଲାରେ ସଂଯୋଗୀକରଣର ଉନ୍ନତି ପାଇଁ **ବିଜୁ ଏକ୍ସପ୍ରେସ୍ ୱେ ଯୋଜନା**ରେ **100 କୋଟି ଟଙ୍କା** ଓ କେନ୍ଦ୍ର ସଡ଼କ ପାଣ୍ଠି ପ୍ରକଳ୍ପ ପାଇଁ 400 କୋଟି ଟଙ୍କାର ପ୍ରସ୍ତାବ ରହିଛି । ରାସ୍ତା ଓ ସେତୁ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ **714 କୋଟି ଟଙ୍କା** ବ୍ୟୟ ବରାଦର ପ୍ରସ୍ତାବ ରଖାଯାଇଛି ।

❖ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (PMGSY) ରେ 5 ହଜାର କି.ମି. ରାସ୍ତା ନିର୍ମାଣ ପାଇଁ 2 ହଜାର 900 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

❖ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମୀଣ ସଡ଼କ ନିର୍ମାଣ ନିମନ୍ତେ 400 କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ।

❖ ବିଜୁ ସେତୁ ଯୋଜନାରେ ନିର୍ମିତ ହେବାକୁ ଥିବା 313 ଗୋଟି ସେତୁ ନିମନ୍ତେ 600 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

❖ 17ଟି ଚରମ ବାମପନ୍ଥୀ ଉପଦ୍ରୁତ ଜିଲ୍ଲା ଅଧିନରେ ଥିବା 142ଟି ଅଗମ୍ୟ ବିଚ୍ଛିନ୍ନାଞ୍ଚଳର ସଂଯୋଗୀକରଣ ପାଇଁ **"ବିଚ୍ଛିନ୍ନ ଗ୍ରାମକୁ ସଂଯୋଗୀକରଣ"** (Connecting

Unconnected Villages) ଯୋଜନାରେ **100 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

- ❖ ରେଳ ଭିତ୍ତିଭୂମିର ତ୍ୱରିତ ଉନ୍ନତିକରଣ ନିମିତ୍ତ **400 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- ❖ SPV ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ 20 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ❖ ନ୍ୟାୟାଳୟ, ଆରକ୍ଷୀ, ଅଗ୍ନିଶମ ସେବା ଏବଂ କାରାଗାର ପାଇଁ ଗୃହ ନିର୍ମାଣ ଓ ଉପକରଣ ବାବଦକୁ 405 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ❖ **ହସ୍ତତନ୍ତ, ହସ୍ତଶିଳ୍ପ, ରେଶମ ଶିଳ୍ପ ଏବଂ ବୟନ ଶିଳ୍ପ କ୍ଷେତ୍ର** ପାଇଁ **190 କୋଟି ଟଙ୍କା** ଏବଂ **ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** (MSME) କ୍ଷେତ୍ର ନିମନ୍ତେ **212 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।
- ❖ ଶିଳ୍ପ କ୍ଷେତ୍ର ପାଇଁ ବ୍ୟୟ ବରାଦକୁ **312 କୋଟି ଟଙ୍କା** କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରଖାଯାଇଛି ।
- ❖ ବିଜୁ କେବିକେ ଯୋଜନାରେ ସଡ଼କ, ବିଜୁଳି ଓ ପାଣି ପ୍ରକଳ୍ପର ତ୍ୱରାନ୍ୱିତ ବିକାଶ ପାଇଁ 120 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ❖ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ 2 ହଜାର 90 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ତନ୍ମଧ୍ୟରୁ SDRF ପାଇଁ 865 କୋଟି ଟଙ୍କା ଏବଂ NDRF ପାଇଁ 1 ହଜାର କୋଟି ଟଙ୍କା ରହିଛି ।

## 5. 2018-19 (ବଜେଟ ଆକଳନ)ରେ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଅନୁପାଳନ –

- ❖ ଆନୁମାନିକ **ରାଜସ୍ୱ ବଳକା**, ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର **2.25 ପ୍ରତିଶତ** ଅଟେ ଏବଂ ଏହା FRBM ଅନୁପାଳନ ଅନୁସାରେ ଶୂନ୍ୟ ରାଜସ୍ୱ ନିଅଣ୍ଟ ମଧ୍ୟରେ ସିମୀତ ଅଟେ ।
- ❖ **ବିତ୍ତୀୟ ନିଅଣ୍ଟ** ଘରୋଇ ଉତ୍ପାଦର ଧାର୍ଯ୍ୟ ଲକ୍ଷ୍ୟ **3.50 ପ୍ରତିଶତ** ମଧ୍ୟରେ ସିମୀତ ରହିବ ।
- ❖ **ସୁଧ ଦେୟ ଓ ରାଜସ୍ୱ ଆଦାୟ** (IPRR)ର ଅନୁପାତ କୁ **5.49 ପ୍ରତିଶତ** ମଧ୍ୟରେ ସିମୀତ କରାଯାଇଛି ଯାହାକି FRBM ଅନୁପାଳନର 15 ପ୍ରତିଶତରୁ କମ୍ ଅଟେ ।
- ❖ **ବକେୟା ଋଣ ଓ ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ** ଅନୁପାତ 2018-19 ଆର୍ଥିକ ବର୍ଷ ଶେଷରେ ଆନୁମାନିକ **20.73 ପ୍ରତିଶତ** ଯାହାକି FRBM ଅନୁପାଳନର 25 ପ୍ରତିଶତରୁ କମ୍ ଅଟେ ।
- ❖ **2018-19 ଆର୍ଥିକ ବର୍ଷ ବଜେଟ FRBM କୁ ଅନୁପାଳନ କରୁଅଛି ।**

## 6. ଆର୍ଥିକ ପରିଚାଳନା ସଂସ୍କାର –

- ଭାରତୀୟ ଷ୍ଟେଟ୍ ବ୍ୟାଙ୍କର **e-Pay** ବ୍ୟବସ୍ଥା ସହ **IFMS** ର ସଂଯୋଜନା : ଓଡିଶା IFMS କୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର e-Pay ବ୍ୟବସ୍ଥା ସହ ସଂଯୋଗ କରାଯାଇ ଉଭୟ Online ଓ Offline ମାଧ୍ୟମରେ ବିଭିନ୍ନ ଟିକସ ପୈଠ ପାଇଁ ଏକ ବ୍ୟବସ୍ଥା ଓଡିଶା କୋଷାଗାର ପୋର୍ଟାଲରେ ଉପଲବ୍ଧ କରାଯାଇଛି । ଏହି ନୂତନ ପଦକ୍ଷେପ ବିଭିନ୍ନ ଦେୟକୁ ପ୍ରମୁଖ ବ୍ୟାଙ୍କ ଗୁଡିକର Debit ଓ Credit Card ତଥା Internet Banking ମାଧ୍ୟମରେ ପୈଠ କରିବାକୁ ସୁଗମ କରିଛି ।

- ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା **(IFMS 2.0):** ସମସ୍ତ ଅର୍ଥ କାରବାରକୁ ଆହରଣ ଓ ବିତରଣ ଅଧିକାରୀଙ୍କ ଠାରୁ ଆରମ୍ଭ କରି ମହାଲେଖାକାରଙ୍କ ପର୍ଯ୍ୟନ୍ତ ଡିଜିଟାଲ୍ ପଦ୍ଧତିରେ e-Praman ଓ e-Signature ର ପ୍ରଚଳନ ସହ ପେପର ଲେସ୍ କରିବା ପାଇଁ IFMS କୁ ସୁଦୃଢୀକରଣ କରାଯିବ ।

- ପେନ୍‌ସନ୍ ର ଅନ୍‌ଲାଇନ୍ ସଂଶୋଧନ ପାଇଁ "ଅର୍ପଣ" **(ARPAN)** ପୋର୍ଟାଲ : ARPAN ପୋର୍ଟାଲ ଦ୍ୱାରା ପେନ୍‌ସନ୍ ଉପଭୋକ୍ତାମାନଙ୍କ ପେନ୍‌ସନ୍‌କୁ ଅନ୍‌ଲାଇନ୍ ସଂଶୋଧନ କରିବା ସଙ୍ଗେ ସଙ୍ଗେ ପେନ୍‌ସନ୍ ଉପଭୋକ୍ତାମାନଙ୍କୁ ବିନା ସମସ୍ୟାରେ ପେନ୍‌ସନ୍ ସେବା ଯୋଗାଇବ ।